ନିତିଦିନ NITIDIN

ବିମୁଦ୍ରାକରଣ ପାଇଁ କ୍ଷମା ମାଗନ୍ତୁ ମୋଦୀ: ନିରଞ୍ଜନ

ଭୁବନେଶ୍ୱର,୮।୧୧/ଏନ୍‌ଏନ୍‌ଏସ୍: ରାତିଅଧିଆ ନିଷ୍ପତ୍ତି ନେବାରେ ଓସ୍ତାଦ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିମୁଦ୍ରାକରଣକୁ ନଭେମ୍ବର ୮ ତାରିଖରେ ଦୁଇ ବର୍ଷ ପୂରଣ ହୋଇଛି। ୨୦୧୬ ନଭେମ୍ବର ୮ ତାରିଖ ରାତି ଅଧରେ ଏକଚାଟିଆ ନିଷ୍ପତ୍ତି ନେଇ ମୋଦି ୫୦୦ ଓ ୧୦୦୦ ଟଙ୍କିଆ ନୋଟ ପ୍ରଚଳନକୁ ବନ୍ଦ କରିଦେଲେ। ଦେଶରେ କଳାଟଙ୍କା କାରବାରକୁ ରୋକିବା, ଜାଲନୋଟ ପ୍ରଚଳନ ବନ୍ଦ କରିବା ଏବଂ ବିଦେଶରେ ଥିବା କଳାଧନ ସ୍ୱଦେଶକୁ ଫେରାଇ ଆଣିବା ଲକ୍ଷ୍ୟରେ ମୋଦି ବିମୁଦ୍ରାକରଣ କାର୍ଯ୍ୟକାରୀ କରିଥିଲେ। ହେଲେ ତାହା ଶୋଚନୀୟ ଭାବେ ବିଫଳ ହୋଇଛି ବୋଲି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି।

ଏକ ପ୍ରେସ ବିବୃତିରେ ସେ କହିଛନ୍ତି ଯେ, ଭାରତୀୟ ରିଜର୍ଭ ବ୍ୟାଙ୍କ ହିସାବ ଅନୁଯାୟୀ ବିମୁଦ୍ରାକରଣ ଘୋଷଣା କରାଯିବା ସମୟରେ ଦେଶରେ ୧୫.୪୧ ଲକ୍ଷ କୋଟି ଟଙ୍କାର ୫୦୦ ଓ ୧୦୦୦ ଟଙ୍କିଆ ନୋଟ୍ ପ୍ରଚଳିତ ଥିଲା। ବିମୁଦ୍ରାକରଣ ପରେ ଭାରତୀୟ ରିଜର୍ଭ ବ୍ୟାଙ୍କ ନିକଟକୁ ତାହାର ପାଖାପାଖି ୯୯.୩ ପ୍ରତିଶତ, ଅର୍ଥାତ ୧୫.୩୦ ଲକ୍ଷ କୋଟି ଟଙ୍କାର ନୋଟ୍ ଫେରିଲା। ଅବଶିଷ୍ଟ ୧୦,୭୨୦ କୋଟି ଟଙ୍କାର ଅଯୋଗ୍ୟ ଘୋଷିତ ନୋଟ୍ ଜମା ହୋଇନାହିଁ। ତେବେ ବିମୁଦ୍ରାକରଣର ଛଅମାସ ପରେ ବିଦେଶୀ ବ୍ୟାଙ୍କଗୁଡ଼ିକରେ ପାଖାପାଖି ୭ ହଜାର କୋଟି ଟଙ୍କା ଜମା କରାଯାଇଥିଲା ଏବଂ ତାହା କଳାଧନ ବୋଲି ଜାଣିବାକୁ ମିଳିଥିଲା। ବିମୁଦ୍ରାକରଣର କିଛିଦିନ ମଧ୍ୟରେ ଦେଶର ବିଭିନ୍ନ ଭାଗରେ ନକଲି ୨ହଜାର ଟଙ୍କିଆ ନୋଟ ମଧ୍ୟ ଜବତ କରାଗଲା। ପରେ ନକଲି ୫୦୦ ଟଙ୍କିଆ ବଜାରକୁ ଆସିଲା। ମୋଦି ସରକାରଙ୍କ କଡ଼ା ନଜର ସତ୍ତ୍ୱେ ଉକ୍ତ କଳାଟଙ୍କା ବିଦେଶକୁ କିଭଳି ଗଲା ଏବଂ କିଏ ସେହି ଟଙ୍କା ଜମାକଲା, ଜାଲ ନୋଟ କିଭଳି ପ୍ରଚଳନ କରାଗଲା, ମୋଦି ତାହାର ଜବାବ ଦିଅନ୍ତୁ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି। ଏଥିରେ ସରକାରୀ କଳ ସଂପୃକ୍ତ କି ନୁହେଁ, ତାହା କେନ୍ଦ୍ର ସରକାର ସ୍ପଷ୍ଟ କରିବାକୁ ସେ ଦାବି କରିଛନ୍ତି।

ସେ କହିଛନ୍ତି ଯେ ରାଫେଲ ଭଳି ସେହି ପ୍ରସଙ୍ଗ ଉପରେ ମଧ୍ୟ ମୋଦି ନୀରବ ରହିଥିବାରୁ କେନ୍ଦ୍ରରେ କ୍ଷମତାରେ ଥିବା ବିଜେପିର କିଛି ନେତା, ଦଳ ସହିତ ସୁସମ୍ପର୍କ ରଖିଥିବା ବ୍ୟକ୍ତିବିଶେଷ ଉକ୍ତ ଅର୍ଥ ଜମା କରିଥାଇପାରନ୍ତି ବୋଲି ପିସିସି ସଭାପତି କହିଛନ୍ତି। ବିମୁଦ୍ରାକରଣ କରି ସମଗ୍ର ଦେଶବାସୀଙ୍କୁ ମାସାଧିକ କାଳ ରାଜରାସ୍ତାରେ ଧାଡିବାନ୍ଧି ଛିଡା କରାଇଥିବା ଏବଂ ଏଥିଯୋଗୁଁ କିଛି ଲୋକଙ୍କର ମୃତ୍ୟୁ ଘଟିଥିବାରୁ ଏକ ତ୍ରୁଟିପୂର୍ଣ୍ଣ ତଥା ଦୁଃଖଦ ନିଷ୍ପତ୍ତି ପାଇଁ ମୋଦୀ ଦେଶବାସୀଙ୍କ ନିକଟରେ କ୍ଷମା ପ୍ରାର୍ଥନା କରିବାକୁ ନିରଞ୍ଜନ ଦାବି କରିଛନ୍ତି।

ବିପଦସଙ୍କୁଳ କଲେଜ ବିରୋଧରେ କଡ଼ା ପଦକ୍ଷେପ

ଭୁବନେଶ୍ୱର,୮।୧୧/ଏନ୍‌ଏନ୍‌ଏସ୍: ରାଜ୍ୟରେ ଉଚ୍ଚଶିକ୍ଷା କ୍ଷେତ୍ରରେ ରାଜ୍ୟ ସରକାର ସର୍ବାଧିକ ପଦକ୍ଷେପ ଗ୍ରହଣ କରିଛନ୍ତି। ପ୍ରାୟ ୧୪ଶହ ଜୁନିୟର ଓ ହଜାରରୁ ଉର୍ଦ୍ଧ୍ୱ ଡିଗ୍ରୀ କଲେଜର ଭିତ୍ତିଭୂମି ଓ ସମସ୍ତ ମୌଳିକ ବ୍ୟବସ୍ଥା ଯେପରି ପିଲାଙ୍କୁ ମିଳୁଥିବ ସେ ଦିଗରେ ଗୁରୁତ୍ୱ ଦିଆଯିବ। ରାଜ୍ୟରେ ଉଭୟ ସରକାରୀ ଓ ଅନୁଦାନପ୍ରାପ୍ତ କଲେଜ ଲାଗି ରାଜ୍ୟ ସରକାର ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିଛନ୍ତି। ରାଜ୍ୟର ପ୍ରାୟ ୫୩ପ୍ରତିଶତ କଲେଜର ଭିତ୍ତିଭୂମି ଅତ୍ୟନ୍ତ ଦୁର୍ବଳ ରହିଛି। ଏପରିକି ଏହି କଲେଜ ମଧ୍ୟରୁ ପ୍ରାୟ ୩୮ପ୍ରତିଶତ କଲେଜରେ ଅନେକ ଶ୍ରେଣୀକକ୍ଷ ବିପଦ ସଙ୍କୁଳ ଅବସ୍ଥାରେ ରହିଥିବା ଚିହ୍ନଟ ହୋଇଛି। ଅଧିକାଂଶ କଲେଜରେ ପ୍ରାକ୍ଟିକାଲ କକ୍ଷ ଅତ୍ୟନ୍ତ ଦୁର୍ବଳ ଥିବାବେଳେ ଶ୍ରେଣୀକକ୍ଷର କବାଟ, ଝରକା ଭାଙ୍ଗି ଯାଇଛି। ଏପରିକି ଦୀର୍ଘଦିନ ହେବ ମରାମତି ଅଭାବରୁ ଛାତରୁ ସ୍ଲାବ୍ ବି ଖସୁଛି। ଭୁବନେଶ୍ୱର, କଟକ, ଜଗତସିଂହପୁର, ପୁରୀ, ବ୍ରହ୍ମପୁର, କେନ୍ଦୁଝର, ଭବାନୀପାଟଣା, କୋରାପୁଟ, ନୟାଗଡ଼, ଯାଜପୁରରେ ସର୍ବାଧିକ ଦୁର୍ବଳ ଭିତ୍ତିଭୂମି କଲେଜ ଥିବା ଜଣାପଡ଼ିଛି। ରାଜ୍ୟରେ ଏପରି କଲେଜର ମରାମତି ସାଙ୍ଗକୁ ୩ମାସ ମଧ୍ୟରେ କଲେଜଗୁଡ଼ିକର ନବୀକରଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଯଦି ଏପ୍ରିଲ୍ ଶେଷ ସୁଦ୍ଧା ନିର୍ଦ୍ଦେଶ କାର୍ଯ୍ୟକାରୀ ନହୁଏ ତେବେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ଜଣେ ଅଧିକାରୀଙ୍କ କହିବା ଅନୁଯାୟୀ, ଉଚ୍ଚଶିକ୍ଷା ତଥା ଗବେଷଣା କ୍ଷେତ୍ରରେ ଛାତ୍ରଛାତ୍ରୀମାନଙ୍କୁ ସର୍ବାଧିକ ସୁବିଧା ସୁଯୋଗ ଯୋଗାଇ ଦେବା ସହ ଭିତ୍ତିଭୂମିର ବିକାଶ ସହ କଲେଜଗୁଡ଼ିକରେ ଆନୁସଙ୍ଗିକ ବ୍ୟବସ୍ଥା ତଥା ମୌଳିକ ସୁବିଧା ଯେପରି ପିଲାମାନେ ପାଇବେ ସେନେଇ ପ୍ରକ୍ରିୟା ଆରମ୍ଭ ହୋଇଛି। କଲେଜଗୁଡ଼ିକର ଉନ୍ନତି ଲାଗି ୟୁଜିସି ପକ୍ଷରୁ ପ୍ରତିବର୍ଷ ଲକ୍ଷାଧିକ ଟଙ୍କାର ଅନୁଦାନ ମିଳୁଥିବା ବେଳେ ପ୍ରତିବର୍ଷ ନାମଲେଖା ବାବଦରେ ଛାତ୍ରଛାତ୍ରୀମାନଙ୍କଠାରୁ କୋର୍ସ ଫି' ଆଦାୟ ହେଉଛି। ମାତ୍ର ପରିସ୍ଥିତି ଏପରି ଉପୁଜିଛି ଯେ ଅନେକ କଲେଜରେ ପାଦଦେବାକୁ ପିଲାମାନେ ଭୟ କରୁଛନ୍ତି। କଲେଜର ରୂପରେଖକୁ ନଜର ଦେଇ ସରକାର ବିପଦ ସଙ୍କୁଳ ବୋଲି ଘୋଷଣା ବି କରିଛନ୍ତି। ଘୋଷଣା ହେବାର ଦୀର୍ଘଦିନ ବିତିଯାଇଥିବା ବେଳେ କୌଣସି ବିକାଶମୂଳକ କାର୍ଯ୍ୟ ହୋଇନାହିଁ। ଗୁଣାତ୍ମକ ଶିକ୍ଷା ଦିଗରେ ଗୁରୁତ୍ୱ ଦିଆଯାଉଥିବା ବେଳେ କଲେଜଗୁଡ଼ିକର ଏପରି ରୂପରେଖ ଲାଗି ଉଚ୍ଚଶିକ୍ଷା କ୍ଷେତ୍ରରେ ଅନେକ ସମସ୍ୟା ସୃଷ୍ଟି ହୋଇଛି।

ଖୋଦ୍ ରାଜଧାନୀରେ ମଧ୍ୟ ଅନେକ କଲେଜରେ ଭଙ୍ଗାରୁଜା ରୂପରେଖକୁ ନଜର ଦେଇ ବିପଦ ସଙ୍କୁଳ ବୋଲି ଘୋଷଣା କରାଯାଇଛି। ପୂର୍ବରୁ ବିପଦ ସଙ୍କୁଳ ଅବସ୍ଥାରେ ଥିବା କଲେଜଗୁଡ଼ିକର ମରାମତି ଲାଗି ସରକାର କିମ୍ବା ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ରାଜ୍ୟର ଏପରି କଲେଜଗୁଡ଼ିକର ଚିହ୍ନଟ ପ୍ରକ୍ରିୟା ଗତ ୨ମାସ ପୂର୍ବରୁ ଆରମ୍ଭ ହୋଇଛି। ରିପୋର୍ଟ ମିଳିବା ପରେ ସର୍ବାଧିକ ସମସ୍ୟା ଥିବା କଲେଜଗୁଡ଼ିକୁ ଚିଠି ଦିଆଯାଇଛି। ୩ମାସ ମଧ୍ୟରେ ମରାମତି କରିବାକୁ କଡ଼ା ନିର୍ଦ୍ଦେଶ ମଧ୍ୟ ଦିଆଯାଇଛି। ଏପରିକି ଫେବୃଆରୀ ୧୫ ସୁଦ୍ଧା କେଉଁ କଲେଜରେ କେତେ ଟଙ୍କା ଖର୍ଚ୍ଚ କରାଯିବ ତା'ର ଏକ ରିପୋର୍ଟ ପ୍ରସ୍ତୁତ କରି ସରକାରଙ୍କୁ ଦେବାକୁ ଅଧକ୍ଷ ଏବଂ ମ୍ୟାନେଜମେଣ୍ଟକୁ ନିର୍ଦ୍ଦେଶ ଦିଆଯାଇଛି।

ମୁଦ୍ରା ଲୋନ୍ ନାଁରେ ଲକ୍ଷାଧିକ ଠକେଇ

ଭୁବନେଶ୍ୱର,୮।୧୧/ଏନ୍‌ଏନ୍‌ଏସ୍: ମୁଦ୍ରା ଲୋନ୍ ଦେବା ନାଁରେ ଶତାଧିକ ମହିଳାଙ୍କଠାରୁ ଲକ୍ଷାଧିକ ଟଙ୍କା ଠକେଇ ହୋଇଛି। ଏନେଇ ମଙ୍ଗଳବାର ଦିନ ଲିଙ୍ଗରାଜ ଥାନାରେ ଅଭିଯୋଗ କରିଛନ୍ତି ଶତାଧିକ ମହିଳା। ଅଭିଯୋଗ ପାଇବା ପରେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିବା ସହ ଠକେଇ କରିଥିବା ମହିଳା ଓ ତାଙ୍କର ଅନ୍ୟ ସହଯୋଗୀମାନଙ୍କୁ ଧରିବା ପାଇଁ ଉଦ୍ୟମ କରୁଛି। ଠକେଇର ଶିକାର ହୋଇଥିବା ମହିଳାମାନେ ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଅଭିଯୁକ୍ତଙ୍କୁ ପୁଲିସ ଗିରଫ ନ କଲେ ଆଗାମୀ ଦିନରେ ଥାନା ଘେରାଉ କରିବେ ବୋଲି ମହିଳାମାନେ ଚେତାବନୀ ଦେଇଛନ୍ତି।

ସୂଚନା ଥାଉକି, ଲିଙ୍ଗରାଜ ଥାନା ନିକଟସ୍ଥ ଗ୍ୟାରେଜ୍ ଛକ ପ୍ଲଟ୍ ନମ୍ବର ୨୦୭୬ରେ ରୁହନ୍ତି ପ୍ରୀତି ରାୟ(୨୭)ନାମକ ଜଣେ ମହିଳା। ଶିଶୁପାଳଗଡ଼ରେ ରହୁଥିବା ବାସନ୍ତୀ ଶ୍ରୀଚନ୍ଦନ ଓ ତାଙ୍କର ସମ୍ପର୍କୀୟା ପ୍ରୀତିଙ୍କୁ ମୁଦ୍ରା ଲୋନ୍ କରାଇ ଦେବାକୁ କହିଥିଲେ। ପ୍ରୀତି ରାଜି ହେବା ପରେ ସେ ୧୦ ହଜାର ଟଙ୍କା ଦେଇଥିଲେ।

ସେହିଭଳି ସେହି ଅଞ୍ଚଳର ମନୋରମା ପଟ୍ଟନାୟକ, ବନିତା ପଟ୍ଟନାୟକଙ୍କ ଭଳି ଅନେକ ମହିଳା ୧୦ ହଜାର ଟଙ୍କା ଲେଖାଏଁ ବାସନ୍ତୀଙ୍କୁ ପ୍ରଦାନ କରିଥିଲେ। ବାସନ୍ତୀ ଓ ତାଙ୍କର ସହଯୋଗୀମାନେ ଅଞ୍ଚଳରୁ ପ୍ରାୟ ୩ ରୁ ୪ଲକ୍ଷ ଟଙ୍କା ନେଇ ଯାଇଥିଲେ। ଆଜି କାଲି କହି ଦିନ ପରେ ଦିନ ଗଡ଼ାଇ ୬ ମାସରୁ ଉର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ମୁଦ୍ରା ଲୋନ୍ କରାଇ ପାରି ନ ଥିଲେ। ଏନେଇ ପ୍ରୀତି ବାସନ୍ତୀଙ୍କୁ ପଚାରିବାରୁ ସେ ଲୋକ ଲଗାଇ ଜୀବନରୁ ମାରିଦେବାକୁ ଧମକ ଚମକ ଦେଇଥିଲେ।

ଶେଷରେ ନିରାଶ ହୋଇ ଠକେଇର ଶିକାର ହୋଇଥିବା ମହିଳାମାନେ ଲିଙ୍ଗରାଜ ଥାନାର ଦ୍ୱାରସ୍ଥ ହୋଇ ଅଭିଯୋଗ କରିଛନ୍ତି। ପୁଲିସ ଅଭିଯୋଗ ରଖି ଘଟଣାର ତଦନ୍ତ ଜାରି ରଖିଛି।

ଅଙ୍ଗନୱାଡ଼ି କର୍ମୀ ନିଯୁକ୍ତିରେ ଅନିୟମିତତା ଅଭିଯୋଗ

କଟକ,୮।୧୧/ଏନ୍‌ଏନ୍‌ଏସ୍: କଟକ ମହାନଗର ନିଗମ ଅନ୍ତର୍ଗତ ୩ ନମ୍ବର ୱାର୍ଡ଼ର ବାଲ୍ମିକୀ ନଗର ଅଙ୍ଗନୱାଡ଼ି କେନ୍ଦ୍ରରେ କର୍ମୀ ନିଯୁକ୍ତି ନେଇ ପାତର ଅନ୍ତର ନୀତି ଅବଲମ୍ବନ କରାଯାଉଛି। ସେଠାକାର ଅଙ୍ଗନୱାଡ଼ି କେନ୍ଦ୍ରରେ ଖାଲି ପଡ଼ିଥିବା କର୍ମୀ ପାଇଁ ଏକାଧିକ ପ୍ରାର୍ଥୀ ଆବେଦନ କରିଥିବା ବେଳେ ଯୋଗ୍ୟ ପ୍ରାର୍ଥୀଙ୍କୁ ସୁଯୋଗ ଦିଆ ନଯାଇ ଅନ୍ୟଜଣେ ପ୍ରାର୍ଥୀଙ୍କୁ ନିଯୁକ୍ତି ଦିଆଯିବା ପାଇଁ ମସୁଧା ଚାଲିଥିବା ଭଳି ସଂଗିନ ଅଭିଯୋଗ ହୋଇଛି।

ଅଙ୍ଗନୱାଡ଼ି କର୍ମୀ ପାଇଁ ଆବେଦନ କରିଥିବା ପ୍ରାର୍ଥୀମାନେ ଦେଇଥିବା ରେସିଡେନ୍ସ ପ୍ରମାଣ ପତ୍ର କ୍ଷେତ୍ରରେ ଗାଇଡ୍‌ଲାଇନକୁ ଉଲ୍ଲଙ୍ଘନ କରାଯାଉଥିବା ଚର୍ଚ୍ଚା ହେଉଛି। ତହସିଲ କାର୍ଯ୍ୟାଳୟରୁ କେଉଁ କାରଣ ପାଇଁ ପ୍ରମାଣ ପତ୍ର ବ୍ୟବହାର କରାଯିବ, ସେ ସମ୍ପର୍କରେ ଉଲ୍ଲେଖ ରହିଥାଏ। ଶିକ୍ଷା ପାଇଁ ପ୍ରସ୍ତୁତ ପ୍ରମାଣ ପତ୍ର ସମସ୍ତ ଦିଗରୁ ଯାଞ୍ଚ କରାଯାଉ ନ ଥିବାବେଳେ ନିଯୁକ୍ତି ପାଇଁ ଦିଆଯାଉଥିବା ପ୍ରମାଣ ପତ୍ରରେ ଏହାକୁ କଡ଼ାକଡ଼ି କରାଯାଏ। କିନ୍ତୁ ଏଠାରେ ନିଯୁକ୍ତି ପାଇଁ ଆବଶ୍ୟକ ଥିବା ରେସିଡେନ୍ସ ପ୍ରମାଣ ପତ୍ର ସ୍ଥାନରେ ପ୍ରାର୍ଥୀମାନେ ଉଚ୍ଚ ଶିକ୍ଷା ନିମନ୍ତେ ପ୍ରଯୁଜ୍ୟ ସାର୍ଟିଫିକେଟ ପ୍ରଦାନ କରିଛନ୍ତି ବୋଲି ଅଭିଯୋଗ ଉଠିଛି। ଏହାକୁ ବିଭାଗୀୟ ଅଧିକାରୀମାନେ ଶିକ୍ଷା ପାଇଁ ପ୍ରଯୁଜ୍ୟ ରେସିଡେନ୍ସ ସାର୍ଟିଫିକେଟକୁ କିପରି ଗ୍ରହଣ କଲେ ତାହା ଅଞ୍ଚଳବାସୀଙ୍କୁ ବିସ୍ମିତ କରିଛି। ସୂଚନାଯୋଗ୍ୟ ଯେ, ଉପରୋକ୍ତ ଅଙ୍ଗନୱାଡ଼ି କେନ୍ଦ୍ରରେ କର୍ମୀ ନିଯୁକ୍ତି ପାଇଁ ଗତ ଅକ୍ଟୋବର ୨୨ରେ ବିଜ୍ଞାପନ ସଂଖ୍ୟା ୭୩୮ରେ ଏକ ସୂଚନା ପ୍ରକାଶ ପାଇଥିଲା। ଏ ସଂକ୍ରାନ୍ତରେ ସିଡିପିଓ-୨ ସଂଧ୍ୟାରାଣୀ ଦେବୀଙ୍କୁ ଯୋଗାଯୋଗ କରିବାରେ ଉକ୍ତ ଅଞ୍ଚଳରେ ପୂର୍ବରୁ ଦାୟିତ୍ୱରେ ଥିବା କର୍ମୀ ପଦୋନ୍ନତି ପାଇଥିବାରୁ ସେଠାରେ କର୍ମୀ ପଦବୀ ଶୂନ୍ୟ ପଡ଼ିଥିଲା। ଉକ୍ତ ପଦବୀ ପାଇଁ ନୂତନ କର୍ମୀ ପାଇଁ ଆବେଦନ ପ୍ରକ୍ରିୟା ଚାଲିଛି। କୌଣସି ଚୟନ ଆରମ୍ଭ ହୋଇନାହିଁ କିମ୍ବା ଆବେଦନକାରୀଙ୍କ ବିଷୟରେ କେବେ ଅଭିଯୋଗ ଆସିନାହିଁ। ଆବେଦନ କରିଥିବା ପ୍ରାର୍ଥୀମାନଙ୍କ କେବଳ ସାର୍ଟିଫିକେଟ ଯାଞ୍ଚ ଚାଲିଛି। ଯାଞ୍ଚ ସମୟରେ ତ୍ରୁଟିଥିବା ପ୍ରାର୍ଥୀଙ୍କର ପ୍ରାର୍ଥୀତ୍ୱ ନାକଚ ନିଶ୍ଚୟ କରାଯିବ ବୋଲି ସେ କହିଛନ୍ତି।

ରେକର୍ଡ ଟପିଲା ଓକିଲଙ୍କ ଆନ୍ଦୋଳନ

କଟକ,୮।୧୧/ଏନ୍‌ଏନ୍‌ଏସ୍: ଓକିଲଙ୍କୁ ମାଡ଼ ଘଟଣାରେ ଆଇନଜୀବୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଘଟଣା ୬୮ ଦିନରେ ପହଞ୍ଚିଛି। ପୂର୍ବରୁ ବୃତ୍ତିଗତ ପ୍ରସଙ୍ଗକୁ ନେଇ ହାଇକୋର୍ଟ ବାର୍ ପକ୍ଷରୁ ସର୍ବାଧିକ ୪୭ ଦିନ ପାଇଁ କାର୍ଯ୍ୟବନ୍ଦ ଆନ୍ଦୋଳନ ହୋଇଥିଲା। ତେବେ ଆଇନଜିବୀ ଦେବୀ ପ୍ରସାଦ ପଟ୍ଟନାୟକଙ୍କୁ ମାଡ ଘଟଣାରେ ଓଡିଶା ହାଇକୋର୍ଟରେ ଓକିଲଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ପୂର୍ବ ରେକର୍ଡକୁ ଭଙ୍ଗ କରି ସବୁଠୁ ଅଧିକ ଦିନର କାର୍ଯ୍ୟବନ୍ଦ ଆନ୍ଦୋଳନ ହୋଇଛି। ଫଳରେ ଓଡିଶା ହାଇକୋର୍ଟ ଇତିହାସରେ କାର୍ଯ୍ୟବନ୍ଦ ଆନ୍ଦୋଳନ ଘଟଣାରେ ଏହା ସବୁଠୁ ଅଧିକ ଦିନ ବୋଲି କୁହାଯାଇଛି।

ଅନୁରୂପ ଭାବେ ସର୍ବଭାରତୀୟ ସ୍ତରରେ ଏହା ଦ୍ୱିତୀୟ ସର୍ବାଧିକ କାର୍ଯ୍ୟବନ୍ଦ ଆନ୍ଦୋଳନ। ଏଥିପୂର୍ବରୁ ଆହ୍ଲାବାଦ୍ ହାଇକୋର୍ଟରେ ଆଇନଜୀବୀମାନେ ସର୍ବାଧିକ ୩ ମାସ ଯାଏ କାର୍ଯ୍ୟବନ୍ଦ ଆନ୍ଦୋଳନରେ ସାମିଲ ହୋଇଥିଲେ। ସୂଚନା ଥାଉକି ଆଇନଜୀବୀ ଦେବୀ ପ୍ରସାଦ ପଟ୍ଟନାୟକଙ୍କୁ ପୁଲିସର ମାଡ ଘଟଣା ପୂର୍ବରୁ ୨୦୧୭ ମାର୍ଚ୍ଚ ୩୧ରେ ଲ କମିଶନ ଦେଇଥିବା ପ୍ରସ୍ତାବକୁ ବିରୋଧ କରି ଏବଂ ଏପ୍ରିଲ୍ ୩ରେ ବାର୍ କାଉନ୍‌ସିଲ ଅଫ୍ ଇଣ୍ଡିଆ ଦେଇଥିବା ବିବୃତିର ପ୍ରତିବାଦ କରି ଆଇନଜୀବୀମାନେ କାର୍ଯ୍ୟବନ୍ଦ ଆନ୍ଦୋଳନରେ ସାମିଲ ହୋଇଥିଲେ। ସେହିପରି ୨୦୧୭ ଅଗଷ୍ଟ ୨୯ରେ ଆଇନଜୀବୀ ସନ୍ଦୀପ୍ ନାୟକଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣାରେ ପୁଲିସ୍ ତଦନ୍ତର ଶିଥିଳତା ଏବଂ ସେପ୍ଟେମ୍ବର ୫ରେ ଆଇନଜୀବୀ ଚନ୍ଦନ ବେହେରା ହତ୍ୟାକାଣ୍ଡର ଅଭିଯୁକ୍ତକୁ ଗିରଫ, ଅକ୍ଟୋବର ୨୪ରେ ଆଇନଜିବୀ ଲକ୍ଷ୍ମୀଧର ମହାପାତ୍ର ହତ୍ୟାକାଣ୍ଡ ଘଟଣାରେ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଆଇନଜୀବୀମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଥିଲେ।

ଅନ୍ୟପକ୍ଷରେ ଗତ ବର୍ଷ ନଭେମ୍ବର ୧୭ରେ ହାଇକୋର୍ଟରେ ବିଚାରପତି ପଦବୀ ପୂରଣ ଦାବି, ଜଷ୍ଟିସ୍ ସି.ଆର୍ ଦାସଙ୍କ ଘରେ ସିବିଆଇ ଅଧିକାରୀଙ୍କ ପ୍ରବେଶ ଘଟଣା ଏବଂ ଡିସେମ୍ବର ୧୨ରେ ସ୍ୟାଟ୍ ଉଚ୍ଛେଦ ନିଷ୍ପତ୍ତିକୁ ବିରୋଧ କରି ଓକିଲମାନେ କାର୍ଯ୍ୟବନ୍ଦ ଆନ୍ଦୋଳନରେ ସାମିଲ ହୋଇଥିଲେ।

ମେକଇନ୍ ଓଡିଶା କନକ୍ଲେଭ କେବଳ ପ୍ରଚାର ସର୍ବସ୍ୱ

ଜାତୀୟ ପ୍ରକଳ୍ପ ନିର୍ମାଣରେ ରାଜ୍ୟ ସରକାର ବାଧକ ସାଜୁଛନ୍ତି: ବିଜେପି

ଭୁବନେଶ୍ୱର, ୮।୧୧/ଏନ୍‌ଏନ୍‌ଏସ୍: ଶିଳ୍ପାୟନ ଓ ଅର୍ଥନୀତି ବିକାଶ ପାଇଁ ସଡ଼କ ଯୋଗାଯୋଗ ଏକ ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା। ଗୋଟିଏ ପଟେ ରାଜ୍ୟ ସରକାର 'ମେକ୍ ଇନ୍ ଓଡ଼ିଶା'ର ବଡ଼ ପ୍ରଚାର କରୁଥିବାବେଳେ କେନ୍ଦ୍ର ସରକାରଙ୍କ ଦ୍ୱାରା ନିର୍ମାଣାଧିନ ଓ ପ୍ରସ୍ତାବିତ ସଡ଼କ କାର୍ଯ୍ୟକାରୀ କରିବାରେ ରାଜ୍ୟ ସରକାର ବାଧକ ସାଜିଛନ୍ତି ବୋଲି ବିଜେପି ଅଭିଯୋଗ କରିଛି।

ଗୁରୁବାର ରାଜ୍ୟ କାର୍ଯ୍ୟାଳୟରେ ବିଜେପି ରାଜ୍ୟ ଉପସଭାପତି ସମୀର ମହାନ୍ତି କହିଛନ୍ତି, ମୋଦି ସରକାର ଦାୟିତ୍ୱ ନେବା ବେଳେ ଓଡ଼ିଶାରେ ମୋଟ ୪୬୫୦ କିମି ଜାତୀୟ ରାଜପଥ ଥିଲା। ୟୁପିଏ-୧ ଓ ୟୁପିଏ-୨ର ୧୦ ବର୍ଷ ଶାସନରେ ମୋଟ ୧୩୮୫ କିମି ଜାତୀୟ ରାଜପଥ ନିର୍ମାଣ ହୋଇଥିଲା। ମୋଦିଙ୍କ ୫ ବର୍ଷ ଶାସନ ନସରୁଣୁ ଓଡ଼ିଶାର ରାଜପଥକୁ ଦୁଇଗୁଣାରୁ ଅଧିକ କରି ୧୦ହଜାର କିମିରୁ ଅଧିକ ନିର୍ମାଣ ପାଇଁ ଯୋଜନା ପ୍ରସ୍ତୁତ ହୋଇଛି। କେନ୍ଦ୍ର ସରକାରଙ୍କ ସବୁ ପ୍ରସ୍ତୁତି ସତ୍ତ୍ୱେ ୩୬୩ କିମି ଓ ୩୮୭୦ କୋଟି ଟଙ୍କା ବ୍ୟୟ ଅଟକଳର ୬ଟି ଜାତୀୟ ରାଜମାର୍ଗ ପ୍ରକଳ୍ପ ଜମି ଅଧିଗ୍ରହଣ ଓ ଜଙ୍ଗଲ ଅନୁମତି ନମିଳିବାରୁ ପଡ଼ିରହିଛି। ଏହି ୬ଟି ପ୍ରକଳ୍ପ ସମ୍ବନ୍ଧରେ ସୂଚନା ଦେଇ ଶ୍ରୀ ମହାନ୍ତି କହିଛନ୍ତି, ଏନ୍‌ଏଚ୍-୬ର ସିଙ୍ଗାବିବାହଲ୍ ମଧ୍ୟରେ ୪ ଲେନ୍ ପ୍ରକଳ୍ପ ଯାହାର ଦୈର୍ଘ୍ୟ ୧୦୪ କିମି ଓ ପ୍ରସ୍ତାବିତ ଖର୍ଚ୍ଚ ୧୪୨୦ କୋଟି ଟଙ୍କା, ସେହିପରି ଏନ୍‌ଏଚ୍-୫ ର ଟାଙ୍ଗୀ ଭୁବନେଶ୍ୱର ୬ ଲେନ୍ ନିର୍ମାଣ କାର୍ଯ୍ୟ ଯାହାର ଦୈର୍ଘ୍ୟ ୫୬ କିମି ଓ ମୂଲ୍ୟ ୮୦୬ କୋଟି ଟଙ୍କା ରାଜ୍ୟ ସରକାରଙ୍କ ଅସହଯୋଗରୁ ପଡ଼ିରହିଛି।

ଏନ୍‌ଏଚ୍-୫ର ପୁଇଁତଲା ଓ ଟାଙ୍ଗୀମଧ୍ୟରେ ୬ ଲେନ୍ ନିର୍ମାଣ ଯୋଜନା ରହିଛି। ଏହାର ଦୈର୍ଘ୍ୟ ୭୫ କିମି ଓ ଯାହାର ପ୍ରସ୍ତାବିତ ଖର୍ଚ୍ଚ ୫୦୨ କୋଟି ଟଙ୍କା। ଏନ୍‌ଏଚ୍- ୨୩ର ବ୍ରାହ୍ମଣୀ ପୋଲରୁ ରାଜାମୁଣ୍ଡା ପର୍ଯ୍ୟନ୍ତ ୪୭ କିମି ଦୈର୍ଘ୍ୟ ଓ ପ୍ରସ୍ତାବିତ ଖର୍ଚ୍ଚ ୩୬୬ କୋଟି ଟଙ୍କାର ପ୍ରକଳ୍ପ ମଧ୍ୟ ଅଟକି ରହିଛି। ଏନ୍‌ଏଚ୍-୨୩ର ରାଜାମୁଣ୍ଡାରୁ ବାରକୋଟ୍ ପର୍ଯ୍ୟନ୍ତ ୪ଲେନ୍‌କରଣ ଯାହାର ଦୈର୍ଘ୍ୟ ୫୦ କିମି ଓ ପ୍ରସ୍ତାବିତ ଖର୍ଚ୍ଚ ୩୯୪ କୋଟି ଟଙ୍କା ଏବଂ ଏନ୍‌ଏଚ୍-୨୩ର ବୀରମିତ୍ରପୁରଠାରୁ ବ୍ରାହ୍ମଣୀବ୍ରିଜ୍‌ର ଶେଷଭାଗ ପର୍ଯ୍ୟନ୍ତ ୨୯ କିମି ଓ ପ୍ରସ୍ତାବିତ ଖର୍ଚ୍ଚ ୩୮୧କୋଟି ଟଙ୍କାର ପ୍ରକଳ୍ପ ମଧ୍ୟ ରାଜ୍ୟ ସରକାରଙ୍କ ଅବହେଳାରୁ ପଡ଼ିରହିଛି ବୋଲି ଶ୍ରୀ ମହାନ୍ତି କହିଛନ୍ତି।

ଶ୍ରୀ ମହାନ୍ତି କହିଛନ୍ତି, ଆହୁରି ୭ଟି ରାଷ୍ଟ୍ରୀୟ ରାଜମାର୍ଗ ପ୍ରକଳ୍ପ ଯାହାର ଦୈର୍ଘ୍ୟ ୫୨୦ କିମି ଓ ପ୍ରସ୍ତାବିତ ଖର୍ଚ୍ଚ ୧୮୭୮ କୋଟି ଟଙ୍କା, ଏଗୁଡ଼ିକର ଜମି ଅଧିଗ୍ରହଣ ଓ ଫରେଷ୍ଟ ଡାଇଭସନ୍ ରାଜ୍ୟ ସରକାରଙ୍କ ଦ୍ୱାରା ବିଳମ୍ବିତ ହେବାରୁ ଏହା ଆଗକୁ ବଢି ପାରୁନାହିଁ। ଏହାସହ ଏନ୍‌ଏଚ୍-୧୨୭ରେ ୪ଲେନ୍ ରୋଡ୍ ଓଭରବ୍ରିଜ୍ ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ଜମି ଅଧିଗ୍ରହଣ ନହେବା କାରଣରୁ କ୍ରିୟାନ୍ୱିତ ହୋଇପାରୁନାହିଁ। ଏହି ୪ଟି ପ୍ରକଳ୍ପର ଦୈର୍ଘ୍ୟ ୮ କିମି ଓ ପ୍ରସ୍ତାବିତ ଖର୍ଚ୍ଚ ୪୭୩ କୋଟି ଟଙ୍କା ରହିଛି। କେନ୍ଦ୍ର ସରକାର ୭୮୧ କିମି ଦୈର୍ଘ୍ୟ ୯ଟି ନୂଆ ରାଜମାର୍ଗ ଘୋଷଣା କରିଥିବାବେଳେ ରାଜ୍ୟ ସରକାର ଏନ୍‌ଓସି ନଦେବା କାରଣରୁ ଏହା କ୍ରିୟାନ୍ୱିତ କରିବା ପାଇଁ ହସ୍ତାନ୍ତର କରାଯାଇପାରୁନାହିଁ। ୧୨୭୨ କିମି ଦୈର୍ଘ୍ୟ ୧୩ଟି ରାସ୍ତାକୁ ଜାତୀୟ ରାଜମାର୍ଗରେ ପରିଣତ କରିବା ପାଇଁ ନୀତିଗତ ନିଷ୍ପତ୍ତି ନିଆଯିବା ସହ ଡ଼ିପିଆର୍ ପ୍ରସ୍ତୁତି ଚାଲିଛି। ମାତ୍ର ରାଜ୍ୟ ସରକାର ଏଥିରେ ସହଯୋଗ କରୁନାହାନ୍ତି। ଏହି ପ୍ରକଳ୍ପଗୁଡ଼ିକ ପାଇଁ କେନ୍ଦ୍ର ସଡ଼କ ଯୋଗାଯୋଗ ଓ ଜାତୀୟ ରାଜମାର୍ଗ ମନ୍ତ୍ରଣାଳୟ ତରଫରୁ ଚଳିତ ବର୍ଷ ସେପ୍ଟେମ୍ବର ୫ ବୈଠକରେ ରାଜ୍ୟ ସରକାରଙ୍କୁ ସୂଚନା ଦିଆଯିବା ସତ୍ତ୍ୱେ କୌଣସି ପ୍ରତିନିଧି ଯୋଗ ଦେଇନଥିଲେ। ରାଜ୍ୟରେ ଆଉ ୨୫୨୬ କିମି ନୂଆ ଜାତୀୟ ରାଜମାର୍ଗ ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କୁ ମାର୍ଚ୍ଚ ୨୦୧୮ରୁ କେନ୍ଦ୍ର ସରକାରଙ୍କ ତରଫରୁ ଅନୁରୋଧ କରାଯାଇଛି। ମାତ୍ର ଏତେ ଦିନ ବିତିଯାଇଥିଲେ ମଧ୍ୟ ରାଜ୍ୟ ସରକାର ରାଜ୍ୟରେ ଏତେ ବିଶାଳ ଭିତ୍ତିଭୂମି ନିର୍ମାଣ ଓ ପୁଞ୍ଜିନିବେଶକୁ କୌଣସି ସହଯୋଗ କରୁନାହାନ୍ତି । ଏ ପର୍ଯ୍ୟନ୍ତ ରାଜ୍ୟ ସରକାର କେଉଁ ରାସ୍ତାକୁ ରାଜମାର୍ଗରେ ପରିଣତ କରିବାକୁ ଚାହୁଁଛନ୍ତି, ତାହାର ବିବରଣୀ ଦେଉନାହାନ୍ତି ବୋଲି ଶ୍ରୀ ମହାନ୍ତି କହିଛନ୍ତି।

ବାଣଫୁଟାକୁ କେନ୍ଦ୍ରକରି ଗଣ୍ଡଗୋଳ, ୧୫ ଗିରଫ

କଟକ,୮।୧୧/ଏନ୍‌ଏନ୍‌ଏସ୍: ବାଣ ଫୁଟାଇବାକୁ କେନ୍ଦ୍ର କରି ଦୁଇ ପରିବାରଙ୍କ ମଧ୍ୟରେ ଗଣ୍ଡଗୋଳ ଘଟିଛି । ଏହି ଘଟଣାରେ ପୁଲିସ ଦୁଇ ପକ୍ଷଙ୍କ ଅଭିଯୋଗକୁ ଗ୍ରହଣ କରି ୧୫ଜଣଙ୍କୁ ଗିରଫ କରିଛି। ପୁଲିସ ସୂତ୍ରରୁ ପ୍ରକାଶ ଯେ, ଗତକାଲି ସନ୍ଧ୍ୟାରେ ଷ୍ଟେସନବଜାର ଅଞ୍ଚଳର ଅସିତ ଦାସ ନାମକ ଜଣେ ଯୁବକ ବାଣ ଫୁଟାଉଥିବା ବେଳେ ଗୋଟିଏ ବାଣ ତାଙ୍କ ପଡୋଶୀ ପୂର୍ଣ୍ଣଚନ୍ଦ୍ର ଦାସଙ୍କ ଘର ଛାତ ଉପରେ ପଡିଥିଲା। ଫଳରେ ବାଣରୁ ନିଆଁ ଲାଗି ଛାତ ଉପରେ ଥିବା ଗୋଟିଏ ଜରିପାଲ ଜଳିଯାଇଥିଲା। ପୂର୍ଣ୍ଣଚନ୍ଦ୍ର ଏଥିରେ ରାଗିଯାଇ ଅସିତଙ୍କୁ ଗାଳିଗୁଲଜ କରିଥିଲେ। ପରେ ଏନେଇ ଉଭୟ ପରିବାରଙ୍କ ମଧ୍ୟରେ ପାଟିତୁଣ୍ଡ ହେବା ସହ ମାରପିଟ ହୋଇଥିଲା । ଏନେଇ ଗତକାଲି ମାଲଗୋଦାମ ଥାନାରେ ଦୁଇ ପରିବାର ଲୋକଙ୍କ ପକ୍ଷରୁ ଏତଲା ଦିଆଯାଇଥିଲା । ପୂର୍ଣ୍ଣଚନ୍ଦ୍ରଙ୍କ ଏତଲା ଆଧାରରେ ମାଲଗୋଦାମ ଥାନା ୨୩୪/୧୮, ଆଇପିସି ୧୪୩, ୪୩୫, ୩୪୧, ୩୩୭, ୧୪୯, ୩(ଏ) ଦଫାରେ ଚିଣ୍ଟୁ ଓରଫ ଅସିତ ଦାସ, ପିଣ୍ଟୁ ଓରଫ ପ୍ରତାପ ଦାସ, ପପୁ ଦାସ, ସରସ୍ୱତୀ ଦାସ, ଅଞ୍ଜନା ଦାସ, ପୂର୍ଣ୍ଣଚନ୍ଦ୍ର ଦାସ, କୁନ୍ତି ଦାସଙ୍କୁ ଗିରଫ କରିଥିବା ବେଳେ ଅସିତଙ୍କ ଏତଲା ଆଧାରରେ ୨୩୫/୧୮, ଆଇପିସି ୧୪୩, ୩୪୧, ୩୨୩, ୩୫୪, ୧୪୯ ଦଫାରେ ପୂର୍ଣ୍ଣଚନ୍ଦ୍ର ଦାସ ଓରଫ ବୁଢା, ଗୁଡୁ, ନରେଶ ଦାସ, ସୁକାନ୍ତ ଓରଫ ପ୍ରଫୁଲ ଦାସ, ଧୋବେଇ ଓରଫ ବୀଣାପାଣି ଦାସ, ଲଳିତା ଦାସ, କମଳା ଦାସ, ଭାଲୁ ଓରଫ ସୁରେନ୍ଦ୍ର ଦାସ, ସୁବାସିନୀ ଦାସ, ଅହଲ୍ୟା ଦାସଙ୍କୁ ଗିରଫ କରାଯାଇଥିବା ପୁଲିସ ଠାରୁ ପ୍ରକାଶ ।

ଓଟିଇଟି ପାଇଁ ଆବେଦନପତ୍ର ଆହ୍ୱାନ

କଟକ,୮।୧୧/ଏନ୍‌ଏନ୍‌ଏସ୍: ମାଧ୍ୟମିକ ଶିକ୍ଷା ବୋର୍ଡ ଦ୍ୱାରା ପରିଚାଳିତ ଚଳିତବର୍ଷର ଓଡିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଟିଇଟି) ପାଇଁ ଇଚ୍ଛୁକ ଯୋଗ୍ୟ ପ୍ରାର୍ଥୀମାନଙ୍କଠାରୁ ଆବେଦନପତ୍ର ଆହ୍ୱାନ କରାଯାଇଛି। ମାଧ୍ୟମିକ ଶିକ୍ଷା ବୋର୍ଡର ନିଜସ୍ୱ ୱେବସାଇଟ ଜରିଆରେ ଅନଲାଇନରେ ଏହି ଆବେଦନ ପତ୍ର ଗ୍ରହଣ କରିବାକୁ କୁହାଯାଇଛି। ଚଳିତ ମାସ ୧୨ରୁ ୨୭ତାରିଖ ରାତି ୧୧ଟା ୪୫ ମିନିଟ ପର୍ଯ୍ୟନ୍ତ ଏଥିପାଇଁ ଅନଲାଇନ ଲିଙ୍କ୍ ଉଦ୍ଦିଷ୍ଟ ରହିବ। ଏଥିପାଇଁ ଆବଶ୍ୟକ ଫି ଏସବିଆଇ ଜରିଆରେ ଦାଖଲ କରାଯିବ ଏବଂ ଏହା ଉଭୟ ଅନ୍‌ଲାଇନ ଓ ଅଫ୍‌ଲାଇନରେ ୨୭ ତାରିଖ ରାତି ୧୧ଟା ୪୫ ମିନିଟ ପର୍ଯ୍ୟନ୍ତ ଡିପୋଜିଟ କରାଯାପାରିବ। ତେବେ ଫର୍ମ ପୂରଣ ୨୮ତାରିଖ ମଧ୍ୟରାତ୍ର ସୁଦ୍ଧା କରାଯାଇପାରିବ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି। ଏହି ପରୀକ୍ଷା ସମ୍ପର୍କିତ ପଞ୍ଜୀକରଣ, ଆବେଦନ ପ୍ରକ୍ରିୟା, ପ୍ରାର୍ଥମାନଙ୍କର ଯୋଗ୍ୟତା, ପାଠ୍ୟଖସଡା, ପାଠ୍ୟକ୍ରମ ଏବଂ ଅନ୍ୟାନ୍ୟ ସୂଚନା ଆଦି ବୋର୍ଡର ନିଜସ୍ୱ ୱେବସାଇଟରେ ଉପଲବ୍ଧ ହେବ। ଦିବ୍ୟାଙ୍ଗ ପ୍ରାର୍ଥୀମାନେ ପରୀକ୍ଷା ସମ୍ପର୍କିତ ସମସ୍ତ ସୂଚନା ଏହି ୱେବସାଇଟରୁ ପାଇପାରିବେ। ପ୍ରାର୍ଥୀମାନେ ସେମାନଙ୍କର ଯୋଗ୍ୟତା ଓ ଦକ୍ଷତା ଅନୁସାରେ ଉଭୟ ପ୍ରଥମ ପତ୍ର ଓ ଦ୍ୱିତୀୟ ପତ୍ର ପରୀକ୍ଷା ଦେଇପାରିବେ। ଏଥିପାଇଁ ସେମାନଙ୍କୁ ଅଲଗା ଅଲଗା ଆବେଦନ ପତ୍ର ପୂରଣ କରିବାକୁ ପଡିବ। ତେବେ କୌଣସି ପରିସ୍ଥିତିରେ ଆବେଦନ ପତ୍ର ଦାଖଲ ଅବଧି ବୃଦ୍ଧି କରାଯିବ ନାହିଁ ବୋଲି ମାଧ୍ୟମିକ ଶିକ୍ଷା ବୋର୍ଡ ପରୀକ୍ଷା ନିୟନ୍ତ୍ରକ ଡକ୍ଟର ନିହାର ରଞ୍ଜନ ମହାନ୍ତି ସ୍ପଷ୍ଟ କରିଦେଇଛନ୍ତି।

ମାଲଗୋଦାମ ବ୍ୟବସାୟୀଙ୍କଠାରୁ ୫ ଲକ୍ଷ ଲୁଟ୍

କଟକ,୮।୧୧/ଏନ୍‌ଏନ୍‌ଏସ୍: ମାଲଗୋଦାମରେ ବିଳମ୍ବିତ ରାତିରେ ଚାଉଳ ବ୍ୟବସାୟୀଙ୍କଠାରୁ ୫ ଲକ୍ଷ ୧୫ ହଜାର ଟଙ୍କା ଲୁଟ ହୋଇଥିବା ଅଭିଯୋଗ ହୋଇଛି। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅନୁସଂଧାନ କରିଥିଲେ ମଧ୍ୟ ଲୁଟେରାମାନଙ୍କ ସଂପର୍କରେ କୌଣସି ସୂଚନା ପାଇନାହିଁ। ଚାଉଳ ବ୍ୟବସାୟୀ ନବକିଶୋର ସାହୁଙ୍କର ଏକ ଗୋଦାମ ମାଲଗୋଦାମରେ ରହିଛି ।

ଗୁରୁବାର ରାତି ସାଢେ ୯ଟାରେ ନବ ଓ ତାଙ୍କର ଭଣଜା ରମାକାନ୍ତ ସାହୁ ଗୋଦାମ ବନ୍ଦ କରିଥିଲେ । ଏହି ସମୟରେ ସେମାନେ ଏକ ବ୍ୟାଗରେ ୫ ଲକ୍ଷ ୧୫ ହଜାର ଟଙ୍କା ରଖି ଗାଡିରେ ଟାଙ୍ଗିଥିଲେ। ଅଚାନକ ଜଣେ ଦୁର୍ବୃତ୍ତ ଆସି ଗାଡିରୁ ଟଙ୍କା ବ୍ୟାଗକୁ ଝମ୍ପିନେଇ ଫେରାର ହୋଇଯାଇଥିଲା । ଏହା ଦେଖି ନବ ଓ ତାଙ୍କ ଭଣଜା ପାଟି କରିବାରୁ ଅନ୍ୟ ବ୍ୟବସାୟୀମାନେ ଲୁଟେରାକୁ ଧରିବାକୁ ଉଦ୍ୟମ କରିଥିଲେ। ସେତେବେଳକୁ ଲୁଟେରା କୌଶଳ କରି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ଏ ସଂପର୍କରେ ବ୍ୟବସାୟୀଙ୍କ ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ ହୋଇଛି।

ବେଆଇନ ବାଣ ଫୁଟାଇ ତଣ୍ଡ ଗଣିଲେ ୫୩ ହଜାର

କଟକ,୮।୧୧/ଏନ୍‌ଏନ୍‌ଏସ୍: ଆଇନ ଉଲ୍ଲଙ୍ଘନ କରି ଦୀପାବଳୀ ସମୟରେ ବେଆଇନ ଭାବରେ ବାଣ ଫୁଟାଇବା ଅଭିଯୋଗରେ କମିଶନରେଟ ପୁଲିସ ପକ୍ଷରୁ ଚଢ଼ଉ କରାଯାଇଥିଲା। ବୁଧବାର ରାତି ୧୦ଟା ପରେ ବାଣ ଫୁଟାଯାଉଥିବା ବିଭିନ୍ନ ସ୍ଥାନରେ ପୁଲିସ ଚଢଉ କରି ୧୦୭ ଜଣଙ୍କ ଠାରୁ ବାଣ ଜବତ କରିଥିଲା। ଆଇନ ଉଲ୍ଲଙ୍ଘନକାରୀଙ୍କ ଠାରୁ ପୁଲିସ ୫୩ ହଜାର ୫ଶହ ଟଙ୍କା ଜରିମାନା ଆଦାୟ କରାଯାଇଥିବା ଡିସିପି କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି।

ଜୁଆ ଆଡ୍ଡାରେ ଚଢ଼ଉ, ୩ ଗିରଫ

କଟକ,୮।୧୧/ଏନ୍‌ଏନ୍‌ଏସ୍: ମାତାମଠ ଛକ ନିକଟରେ ଚାଲିଥିବା ଏକ ଜୁଆ ଆଡ୍ଡାରେ ଚଢଉ କରି ମଙ୍ଗଳାବାଗ ଥାନା ପୁଲିସ ୩ଜୁଆଡିଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ଚାଉଳିଆଗଞ୍ଜ ଥାନା ଅନ୍ତର୍ଗତ ଶିଖରପୁର ଅଞ୍ଚଳର ଦେବବ୍ରତ ଜେନା ଓରଫ ମୁନା, କିଶନନଗର ଅଞ୍ଚଳର ବାଇଧର ସେନାପତି ଓରଫ ବାୟା, ନୟାଗଡ ଜିଲ୍ଲାର ମୂଳବାସିନ୍ଦା ତଥା ରାଣୀହାଟ ତେଲି ସାହିରେ ରହୁଥିବା ଅକ୍ରୂର ବେହେରା। ପୁଲିସ ସେମାନଙ୍କ ନିକଟରୁ ୫ହଜାର ୨ଶହ ଟଙ୍କା ଓ ଜୁଆ ଖେଳରେ ବ୍ୟବହୃତ ସାମଗ୍ରୀ ଜବତ କରିଛି। ଏନେଇ ଥାନାରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଛି।

ବିଧବାଙ୍କ ବିବାହ କରାଇ ଉଦାହରଣ ସୃଷ୍ଟି କଲା ବାରିକ ସମିତି

କଟକ,୮।୧୧/ଏନ୍‌ଏନ୍‌ଏସ୍: ବଡ଼ମ୍ବା ବ୍ଲକର ବାଙ୍ଗେରୀସିଙ୍ଗା ନିବାସୀ ନୀଳମଣି ବାରିକଙ୍କ ବିଧବା କନ୍ୟା ଲିଜାଙ୍କ ସହିତ ଢେଙ୍କାନାଳ ଜିଲ୍ଲା ଅକରାନ୍ତିପୁର ଗ୍ରାମର ମୁକୁନ୍ଦ ବେହେରାଙ୍କ ପୁତ୍ର ଗତି ବେହେରାଙ୍କ ବିବାହ ଲୋକନାଥ ମନ୍ଦିର ପ୍ରାଙ୍ଗଣରେ ସମ୍ପନ୍ନ ହୋଇଛି। ନିଖିଳ ଉତ୍କଳ ବାରିକ ସମିତି କଟକ ଜିଲ୍ଲା ପକ୍ଷରୁ ଏହି ଉତ୍ସବର ଆୟୋଜନ କରାଯାଇଥିଲା। ଜିଲ୍ଲା ସଭାପତି ଅକ୍ଷୟ କୁମାର ବାରିକ ଏଥିରେ ଯୋଗଦେଇ ଏହା କେବଳ ବାରିକ ଜାତି ନୁହେଁ ଅନ୍ୟଜାତିର ଅଳ୍ପବୟସ୍କା ବିଧବା କନ୍ୟାମାନଙ୍କ ପାଇଁ ମଧ୍ୟ ଏହା ବଞ୍ଚିବାର ରାହା ଯୋଗାଇ ଦେବବୋଲି କହିଥିଲେ। ବର-କନ୍ୟା ଉଭୟଙ୍କ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ପୂର୍ବରୁ ବିବାହ କରିଥିବା କଖଡ଼ି ନିବାସୀ ରାମଚନ୍ଦ୍ର ବାରିକଙ୍କ ପୁଅ ସ୍ୱର୍ଗତ ପ୍ରସନ୍ନ ବାରିକଙ୍କ ସମ୍ପର୍କୀୟମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ କନ୍ୟାକୁ ଶାଢ଼ି ଓ ଆର୍ଥିକ ପ୍ରଦାନ କରିଥିଲେ। ବାରିକ ସମିତି କଖଡ଼ି ଶାଖାର କୋଷାଧ୍ୟକ୍ଷ ସୁଶାନ୍ତ ବାରିକ ଉପସ୍ଥିତ ରହି ଦମ୍ପତିଙ୍କୁ ଆଶୀର୍ବାଦ କରିଥିବାବେଳେ ନିଖିଳ ଉତ୍କଳ ବାରିକ ସମିତି କଟକ ଜିଲ୍ଲା ଶାଖା ଉପସଭାପତି ସୁଶୀଳ କୁମାର ଦାସ, ମହିଳା ଉପସଭାନେତ୍ରୀ ସଂଯୁକ୍ତା ବାରିକ, କାର୍ଯ୍ୟକାରୀ ସଦସ୍ୟ ଗୋବିନ୍ଦ ଚନ୍ଦ୍ର ବାରିକ, ବଂଶୀଧର ବାରିକ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। କନ୍ୟା ପରିବାର ପକ୍ଷରୁ ସମୀର ବାରିକ, କନ୍ୟାପିତା ନୀଳମଣି ବାରିକ, ମାତା ମାମିନା ବାରିକ, ନିଶାମଣି ଲେଙ୍କା, କୁନି ବାରିକ ଏବଂ ବର ଘର ପକ୍ଷରୁ ପୀତବାସ ବାରିକ, ବିଜୟ କୁମାର ବେହେରା, ନବଘନ ମହାରଣା, ବିଜୟ କୁମାର ଦଳେଇ, ହେମନ୍ତ ବାରିକ, କାଳୀପ୍ରସନ୍ନ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।